# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 325 CUTTACK, WEDNESDAY, FEBRUARY 10, 2016/MAGHA 21, 1937**


## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 4 ଫେବ୍ରୁଆରୀ 2016

ସଂଖ୍ୟା 3666—RDM-LAA-MBJ-0003/2016-R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଫିଡର ବୈଶିଙ୍ଗା ଶାଖା କେନାଲ ନିମନ୍ତେ ମୌଜ ସାନଯାମୁବଣି, ଥାନା ବାରିପଦା ନଂ. ୧୮୭, ତହସିଲ ମୋରଡା, ଜିଲ୍ଲା ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ 1.28 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଫିଡର ବୈଶିଙ୍ଗା ଶାଖା କେନାଲ ନିମନ୍ତେ

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ମୟୂରଭଞ୍ଜ ।

୬ । ଜମିର ବିବରଣୀ :–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ମୋରଡା | ସାନଯାମୁବଣି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୧.୮୫ ଏକର | ୧.୨୮ ଏକର | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର  ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ  ବିନା କରାଯାଇପାରିବନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ଭୂମି ଅନୁସୂଚୀ

| ଖାତା ନଂ. ଓ ସତ୍ତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ପ୍ରଜାଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ | ମନ୍ତବ୍ୟ |
|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) |
| ୨୭ | ୧୪୯ | ୦.୪୮ | ୦.୩୦ | ଶାରଦ ଜଳ ଦୁଇ | ବାହାଦୁର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଚନ୍ଦ୍ରମୋହନ ମହାନ୍ତ, ଇନ୍ଦ୍ରଜିତ ମହାନ୍ତ । | ଦ. ବାହାଦୂର ମହାନ୍ତ ଓଗେର ମୁତାବକ |
| | ୧୫୦ | ୦.୬୫ | ୦.୬୫ | ଶାରଦ ଜଳ ଦୁଇ | ପି. ଚାଇଁଆ ମହାନ୍ତ, ରଥୁ ମହାନ୍ତ, ପି. ରିଦ ମହାନ୍ତ, ବା. ନିଜଗାଁ, ଜା. କୁଡୁମି । | ନଂ. ୩୨ |
| ୪୩ | ୧୪୧ | ୦.୩୧ | ୦.୨୧ | ଶାରଦ ଜଳ ଏକ | ଶିତଳ ମହାନ୍ତ, ମାଙ୍ଗାତ ମହାନ୍ତ, ଦୁଃଖୁ ମହାନ୍ତ, ପି. ପ୍ରସାଦ ମହାନ୍ତ, ବା. ନିଜଗାଁ, ଜା. କୁଡୁମି । | |
| ୪୫ | ୧୪୨ | ୦.୨୧ | ୦.୦୪ | ଶାରଦ ଜଳ ଦୁଇ | ଶୁକୁଲ ମାଝୀ, ପି. ଦୁର୍ଗା ମାଝୀ, ଲକ୍ଷ୍ମୀଧର ମାଝୀ, ଚନ୍ଦ୍ରମୋହନ ମାଝୀ, ସୁନ୍ଦର ମୋହନ ମାଝୀ, ପି. ସାନଖୁଦୁ ମାଝୀ, ଦୁର୍ଗା ମାଝୀ, ସ୍ୱା. ବଡନ୍ଦା ମାଝୀ, ଗୋବିନ୍ଦ ମାଝୀ, ପି. କାଳିଆ ମାଝୀ, ବା. ନିଚୁଆପଦା, ଜା. ସାନ୍ତାଳ । | |
| ୪୮/୭ | ୧୪୯/ ୪୩୭ | ୦.୨୦ | ୦.୦୮ | ଶାରଦ ଜଳ ଦୁଇ | ଧରମୁ ମହାନ୍ତ, ପି. ବାହାଦୁର ମହାନ୍ତ, ଜା. କୁଡୁମି, ବା. ନିଜଗାଁ । | |
| | | ମୋଟ . . | ୧.୨୮ | | | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଅଭୟ କୁମାର ନାୟକ**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1626—173+20